# OSSTET Exam- Mock Test, PYQS , Note, E-Books Get Now On App




## Tech Of World

## Download App

GET IT ON Google Play

## Click Here

YouTube- Click Here

Telegram- Click Here

Facebook- Click Here

Download Tech Of World App
WtsApp/Call- 8596976190

No. of Printed Pages : 72
Total No. of Questions : 510
Questions to be answered : 150

# OSSTET 2021 (2nd) PAPER - I

Question Booklet Sl. No. 160813

SET : A

Time : 2 Hours 30 Minutes

Full Marks : 150

Roll No. (in figures): 121222/7025

(in words) :

Date of Exam. : 09/02/2021

Centre Name : 

Technoforworld.in

Centre Code :

**PLEASE READ THE INSTRUCTION PRINTED ON THE BACK OF THIS BOOKLET**

The candidates are required to answer all the Sections in the OMR Answer Sheet.

This Booklet is to be taken away by the candidates after examination is over and the OMR Answer Sheet to be handed over to the Invigilator(s) concerned.

**THIS BOOKLET CONTAINS FOUR SECTIONS ( SECTION - I TO IV )**

| SECTIONS | SUBJECTS | NO. OF QUESTIONS | FULL MARKS |
|---|---|---|---|
| A : Section-I | Odia (Compulsory for all Streams) | 1-20=20 | 20 |
| A : Section-II | English (Compulsory for all Streams) | 21-40=20 | 20 |
| B : Section-III | Optional (any one group/subject to be chosen)<br>Arts : Odia + English + History & Political Science + Geography & Economics | 41-100=60 | 60 |
| | Science (PCM) : Physics + Chemistry + Mathematics | 41-100=60 | 60 |
| | Science (CBZ) : Chemistry + Botany + Zoology | 41-100=60 | 60 |
| | Classical Sanskrit | 41-100=60 | 60 |
| | Urdu | 41-100=60 | 60 |
| | Telugu | 41-100=60 | 60 |
| | Hindi | 41-100=60 | 60 |
| C : Section-IV | Compulsory for all streams :<br>Child Development, Pedagogy, School Management & Evaluation | 101-150=50 | 50 |

Join Us-

Download Tech Of World App WtsApp/Call- 8596976190

# A – SECTION – I
## ODIA (COMPULSORY)

ପ୍ରଦତ୍ତ ଅନୁଚ୍ଛେଦଟି ପାଠ କରି ପ୍ରଶ୍ନ (ନଂ 1 ରୁ 5 ପର୍ଯ୍ୟନ୍ତ) ଗୁଡ଼ିକର ଉତ୍ତର ବାଛ :

Techofworld.In

୧୯୪୨ ଫେବ୍ରୁଆରୀରେ ଚୀନ୍ ଦେଶର ନେତା ମାର୍ଶାଲ୍ ଚିଆଙ୍ଗ ବାରଦିନିଆ ଗସ୍ତରେ ଭାରତ ଆସିଥାନ୍ତି । ଯୁଦ୍ଧ ବିଷୟରେ ଭାରତର ବଡ଼ ଲାଟଙ୍କ ସହିତ ଆଲୋଚନା କରିବା ତାଙ୍କର ଲକ୍ଷ୍ୟଥାଏ । ଏହି ଅବସରରେ ଗାନ୍ଧିଜୀ ଓ ଜବାହରଲାଲଙ୍କ ସହିତ ଭେଟିବାର ଆଗ୍ରହ ରଖି ସେ ଆସିଥାନ୍ତି । ଦୁହିଁଙ୍କ ସହିତ ଚିଆଙ୍ଗଙ୍କର କଥାବାର୍ତ୍ତା ହେଲା । ଭାରତରୁ ତାଙ୍କର ବିଦାୟବାର୍ତ୍ତାରେ ମାର୍ଶାଲ୍ ଚିଆଙ୍ଗ କହିଗଲେ ଯେ ବ୍ରିଟିଶ୍ ସରକାର ଯଥାଶୀଘ୍ର ଭାରତକୁ ରାଜନୈତିକ କ୍ଷମତା ପ୍ରଦାନ କରନ୍ତୁ । ତେବେ ଭାରତ ଜାପାନ୍ ବିରୁଦ୍ଧରେ ଶକ୍ତି ଖଟେଇ ଲଢ଼ିବ । ଜାପାନ୍ ଯୋଗୁ ଚୀନରେ ମଧ ଆତଙ୍କ ଖେଳି ଯାଇଥାଏ । ଏକଥା ଆମେରିକା ମଧ ବୁଝିଥାଏ ଓ ଇଂଲଣ୍ଡ ଉପରେ ଚାପ ପକାଉଥାଏ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଆମେରିକା ଓ ଋଷିଆ ଇଂଲଣ୍ଡ ପଟେ ରହି ଲଢୁଥାନ୍ତି । ଋଷିଆ ଓ ଜର୍ମାନ୍ ମଧ୍ୟରେ ସୁସମ୍ପର୍କ ଥିଲା । ବିଜୟ ଉଲ୍ଲାସରେ ମତ୍ତହୋଇ ହିଟ୍‌ଲର ଋଷିଆ ଆକ୍ରମଣ କରିବାରୁ ଋଷିଆ ଇଂଲଣ୍ଡ ସହିତ ମିଶିଲା । କୁହାଯାଉଥାଏ, ଦ୍ୱିତୀୟ ମହାଯୁଦ୍ଧ ଫାସୀବାଦ ଓ ନାଜୀବାଦ ବିରୁଦ୍ଧରେ ଗଣତନ୍ତ୍ର ବାଦର ଯୁଦ୍ଧ । ଯଦି ଏପରିକଥା, ତେବେ ଯୁଦ୍ଧ ପରେ ବ୍ରିଟିଶ୍ ସରକାର ଭାରତକୁ ସ୍ୱେଚ୍ଛାରେ ସ୍ୱାଧୀନତା ପ୍ରଦାନ କରିବ ବୋଲି ଘୋଷଣା କରିବା ଉଚିତ୍ ହୁଅନ୍ତା । ଏହି ମର୍ମରେ କିଛି ଘୋଷଣା କରିବାକୁ ଆମେରିକାର ପ୍ରେସିଡେଣ୍ଟ ରୁଜଭେଲଟ୍ ଚର୍ଚ୍ଚିଲଙ୍କ ଉପରେ ଚାପ ପକାଉଥାନ୍ତି । ବିଶେଷତଃ ଜାପାନ୍, ଇଂଲଣ୍ଡ ବିରୁଦ୍ଧରେ ଯୁଦ୍ଧରେ ଯୋଗଦାନ କରିବା ପରେ ଭାରତର ସହଯୋଗ ଜରୁରୀ ହୋଇପଡ଼ିଥାଏ । ପ୍ରେସିଡେଣ୍ଟ ରୁଜ୍‌ଭେଲଟ୍ କର୍ଣ୍ଣେଲ୍ ଲୁଇସ୍ ଜନ୍‌ସନ୍‌ଙ୍କୁ ତାଙ୍କର ଦୂତ ଭାବେ ଭାରତୀୟ ନେତାଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ପଠାଇଥାନ୍ତି । ଗୋଟିଏ ପରାଧୀନ ଦେଶକୁ ଏକ ସ୍ୱତନ୍ତ୍ର ଦେଶ ସିଧାସଳଖ ଦୂତ ପଠାଇବା ଅସାଧାରଣ ପଦକ୍ଷେପ । ରୁଜ୍‌ଭେଲଟଙ୍କ ମନୋଭାବ ବୁଝିବା ପାଇଁ ଏହି ଘଟଣାଟି ଯଥେଷ୍ଟ ।

**1.** କ'ଣ ଘୋଷଣା କରିବା ପାଇଁ ରୁଜ୍‌ଭେଲଟ୍ ଚର୍ଚ୍ଚିଲଙ୍କ ଉପରେ ଚାପ ପକାଉଥିଲେ ?

(A) ଭାରତୀୟ ମାନଙ୍କ ସହିତ ଯୁଦ୍ଧ ବିଷୟରେ ଆଲୋଚନା ପାଇଁ

(B) ଭାରତକୁ ସ୍ୱାଧୀନତା ପ୍ରଦାନ ସଂପର୍କୀୟ

(C) ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଭାରତର ଯୋଗଦାନ ସମ୍ପର୍କରେ

(D) ଭାରତୀୟ ବନ୍ଦୀମାନଙ୍କୁ ମୁକ୍ତ କରିବାର

**2.** ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଋଷିଆ ଇଂଲଣ୍ଡ ସହିତ କାହିଁକି ମିଶିଥିଲା ?

(A) ଇଂଲଣ୍ଡ ସହିତ ସୁସମ୍ପର୍କ ଥିବାରୁ

(B) ନାଜୀବାଦର ବିରୋଧ ଯୋଗୁ

(C) ହିଟ୍‌ଲର ଋଷିଆ ଆକ୍ରମଣ କରିବାରୁ

(D) ଋଷିଆ ଜର୍ମାନୀକୁ ଘୃଣା କରୁଥିବାରୁ

**3.** ବିଦାୟ ବାର୍ତ୍ତାରେ ମାର୍ଶାଲ୍ ଚିଆଙ୍ଗ୍ ଭାରତକୁ ବ୍ରିଟିଶ୍ ସରକାର ରାଜନୈତିକ କ୍ଷମତା ପ୍ରଦାନ ସପକ୍ଷରେ କାହିଁକି କହିଥିଲେ ?

(A) ଏହାଦ୍ୱାରା ଭାରତ, ଜାପାନ ବିରୁଦ୍ଧରେ ପୂର୍ଣ୍ଣଶକ୍ତିରେ ଲଢ଼ି ପାରିବ

(B) ଭାରତୀୟ ନେତାମାନଙ୍କର ରାଜନୈତିକ ଦକ୍ଷତା ଥିବାରୁ

(C) ଭାରତରେ ଗଣତାନ୍ତ୍ରିକ ଶାସନର ପ୍ରତିଷ୍ଠା ପାଇଁ

(D) ଭାରତର ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ କରିବା ପାଇଁ

Techofworld.In

**4.** କେଉଁ ଘଟଣାରୁ ଭାରତ ପ୍ରତି ରୁଜଭେଲଟଙ୍କ ମନୋଭାବ ବୁଝିହୁଏ ?

(A) ଚର୍ଚ୍ଚିଲଙ୍କ ଉପରେ ଚାପ ପକାଉଥିବା

(B) ଲୁଇସ୍ ଜନ୍‌ସନ୍‌ଙ୍କୁ ଦୂତ ଭାବେ ଭାରତୀୟ ନେତାଙ୍କ ସହିତ ଆଲୋଚନା ପାଇଁ ପଠାଇବା

(C) ଭାରତର ସ୍ୱାଧୀନତା ସଂଗ୍ରାମକୁ ସମର୍ଥନ ଦେବା

(D) ଭାରତୀୟ ସୈନିକମାନଙ୍କ ଦକ୍ଷତା ଉପରେ ଆସ୍ଥା ରଖିବା

Join Us- TOW

Download Tech Of World App WtsApp/Call- 8596976190

5. ଚୀନ୍ ଦେଶର ନେତା ମାର୍ଶାଲ୍ ଚିଆଙ୍ଗ୍ କେଉଁ ଉଦ୍ଦେଶ୍ୟରେ ଭାରତ ଆସିଥିଲେ ?
(A) ପରିଭ୍ରମଣ
(B) ଭାରତୀୟ ନେତାଙ୍କୁ ଭେଟିବା
(C) ବଡ଼ଲାଟଙ୍କ ସହିତ ଯୁଦ୍ଧ ବିଷୟରେ ଆଲୋଚନା
(D) ଗାନ୍ଧୀଙ୍କ ସହିତ ସାକ୍ଷାତ

6. ନିମ୍ନୋକ୍ତ ମଧ୍ୟରୁ କେଉଁଟି ତଦ୍ଧିତାନ୍ତ ଶବ୍ଦ ?
(A) ଗଦ୍ୟ
(B) ଶିଷ୍ୟ
(C) ଧୈର୍ଯ୍ୟ
(D) ଭୃତ୍ୟ

7. ଷଣ୍ଢକୁ ପଘା ନାହିଁ । - ରେଖାଙ୍କିତ ପଦଟି କେଉଁ ବିଭକ୍ତି ?
(A) ଦ୍ୱିତୀୟା
(B) ଚତୁର୍ଥୀ
(C) ପ୍ରଥମା
(D) ତୃତୀୟା

8. 'ସତୀର୍ଥ' - ଏହା କେଉଁ ସମାସ ନିଷ୍ପନ୍ନ ପଦ ?
(A) ବହୁବ୍ରୀହି
(B) କର୍ମଧାରୟ
(C) ତତ୍ପୁରୁଷ
(D) ଦ୍ୱିଗୁ

9. କେଉଁ ଶବ୍ଦରେ 'ଷତ୍ୱ ବିଧି' ନିୟମର ବ୍ୟତିକ୍ରମ ଘଟିନାହିଁ ?
(A) ବସନ୍ତ
(B) ବିସର୍ଗ
(C) ବିସ୍ତାର
(D) ଅନୁସରଣ

10. ଅଶୁଦ୍ଧି ନଥିବା ବାକ୍ୟଟିକୁ ଚିହ୍ନାଅ :
(A) ରଥଯାତ୍ରାରେ ଜନତାମାନଙ୍କର ପ୍ରବଳ ଭିଡ଼ ହୁଏ ।
(B) କୋଣାର୍କର କଳାପାଟବତା ମନମୁଗ୍ଧକର ।
(C) ଅଲିମ୍ପିକ୍ କ୍ରୀଡ଼ା ପ୍ରତିଯୋଗୀତାରେ ଭାରତୀୟ ଦଳ ଏଥର ଅଧିକ ପଦକ ପାଇଛନ୍ତି ।
(D) ଭୁବନେଶ୍ୱର ଓଡ଼ିଶାର ବୃହତ୍ତମ ନଗର ।

11. ମଧୁବାବୁ ଏଣ୍ଟ୍ରାଂସ୍ ପାସ୍ କଲାବେଳକୁ କଲିକତାକୁ ରେଳପଥ ନଥିଲା । - ଏହା କେଉଁ ପ୍ରକାର ବାକ୍ୟ ?
(A) ଜଟିଳ
(B) ଯୌଗିକ
(C) ସରଳ
(D) ମିଶ୍ର

Techofworld.In

12. କେଉଁ ଶବ୍ଦଟି କୃତ୍ ପ୍ରତ୍ୟୟ 'ଅ' ଯୋଗରେ ଗଠିତ ?
(A) ଜାତ
(B) ଖ୍ୟାତ
(C) ମତ
(D) ଘାତ

13. ଶୁଦ୍ଧ ଶବ୍ଦଟିକୁ ବାଛ :
(A) ସ୍ୱର୍ଗତଃ
(B) ମାମୁଁ
(C) ଓତପ୍ରୋତ
(D) ସାକ୍ଷୀଗୋପାଳ

Join Us-

Download Tech Of World App WtsApp/Call- 8596976190

14. ବିନ୍ଦୁ ବିନ୍ଦୁ ଜଳ ରହିଛି ଚାରୁ କୁଟିଳ ବାଳେ, ତୁଷାର ବୃଷ୍ଟିକି ହୋଇଛି ନବ ତମାଳ ଦଳେ । - ଏଥିରେ କେଉଁ ଅଳଙ୍କାର ପ୍ରଯୁକ୍ତ ?

(A) ରୂପକ

(B) ଉପମା

(C) ଶ୍ଳେଷ

(D) ଉତ୍ପ୍ରେକ୍ଷା

15. ଭାରତୀୟ ସୈନିକମାନଙ୍କର ସାହସ ଅତୁଳନୀୟ । - ରେଖାଙ୍କିତ ଅଂଶଟି କେଉଁ ପଦ ?

(A) ବିଶେଷ୍ୟ

(B) ସର୍ବନାମ

(C) ବିଶେଷଣ

(D) ଅବ୍ୟୟ

16. ଶୋଭିବ ଉତ୍କଳ ସଦ୍ମେ ସଦାଶୟା,

ସରେ ଯଥା ପଦ୍ମ ପଦ୍ମେ ପଦ୍ମାଳୟା । - ଏଥିରେ କେଉଁ ଅଳଙ୍କାର ରହିଛି ?

(A) ଉତ୍ପ୍ରେକ୍ଷା

(B) ଯମକ

(C) ଉପମା

(D) ଅନୁପ୍ରାସ

17. ଅକ୍ଷିର ପଛରେ - ସମସ୍ତ ପଦଟି କ'ଣ ହେବ ?

(A) ପରୋକ୍ଷ

(B) ସମକ୍ଷ

(C) ପ୍ରତ୍ୟକ୍ଷ

(D) ବିପକ୍ଷ

18. 'ଯତି ପଡ଼ିବା' ରୂଢ଼ିଟି କେଉଁ ଅର୍ଥରେ ପ୍ରଚଳିତ ?

(A) ମେଳଖାଇବା

(B) ପସନ୍ଦ କରିବା

(C) ବାରମ୍ବାର କହିବା

(D) ଅନ୍ୟହାତରେ ପଡ଼ିବା

Tecnotworld.in

19. ଖାଇବାର ପୁତ୍ର ଗଲା ମଥୁରା ପୁରକୁ - ରେଖାଙ୍କିତ ଅଂଶଟି କେଉଁ ପଦ ?

(A) କ୍ରିୟା

(B) ସର୍ବନାମ

(C) ବିଶେଷ୍ୟ

(D) ବିଶେଷଣ

20. 'ଛଇ ଦେଖାଇବା' ରୂଢ଼ିର ଅର୍ଥ କ'ଣ ?

(A) ବେଶଭୂଷା ହେବା

(B) ଭଙ୍ଗୀ ଦେଖାଇବା

(C) ପରିଷ୍କାର ପରିଚ୍ଛନ୍ନତା

(D) ଛଳନା କରିବା

Join Us- TOW